ବଲେଶ୍ୱର୍ ପାସୱାନ୍ ଏବଂ ଅନ୍ୟମାନେ

ବନାମ

ବିହାର ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର 16,2003

[ଏସ୍. ରାଜେନ୍ଦ୍ର ବାବୁ ଏବଂ ରୁମା ପାଲ୍ ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ ବରିଷ୍ଠତା -ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ କିମ୍ବା ଯଦିଓ ଅନ୍ୟ ଉତ୍ସ ଜରିଆରେ ବିଭିନ୍ନ ବର୍ଗରେ ନିଯୁକ୍ତି - ବର୍ଗଗୁଡିକର ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଗଲା - ଆବେଦନକାରୀମାନେ ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା କରାଯାଇଥିବା ଏକ ପରୀକ୍ଷା ଆଧାରରେ ସହାୟକ ଭାବେ ନିଯୁକ୍ତ ହୋଇଥିଲେ - ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନିଯୁକ୍ତ ସହାୟକ ମାନଙ୍କୁ ଆବେଦନକାରୀ ମାନଙ୍କଠାରୁ ବରିଷ୍ଠ ବୋଲି ଦର୍ଶାଗଲା - ଆବେଦନକାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବରିଷ୍ଠତା ତାଲିକାକୁ ସମର୍ଥନ କରାଗଲା -ନିର୍ଣ୍ଣୟ ନିଆଗଲା ଯେ , ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା ନିଯୁକ୍ତ ହୋଇଥିବା କର୍ମଚାରୀମାନଙ୍କ ବର୍ଗ ଏବଂ ଅନ୍ୟ ଉତ୍ସରୁ ନିଯୁକ୍ତ ହୋଇଥିବା କର୍ମଚାରୀମାନଙ୍କ ବର୍ଗ ମଧ୍ୟରେ କୌଣସି ପାର୍ଥକ୍ୟ ରହିପାରିବ ନାହିଁ - ସରକାରୀ ପରିପତ୍ର ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତର ସାମ୍ବିଧାନିକ ବୈଧତା ଯାହାକୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ସମର୍ଥନ ଏବଂ ସୁନିଶ୍ଚିତ କରାଗଲା, ତାହାକୁ କୌଣସି ମତେ ଭୁଲ କୁହାଯାଇପାରିବ ନାହିଁ।*

**ବିହାରର ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା କରାଯାଇଥିବା ଏକ ପରୀକ୍ଷା ଆଧାରରେ ଆବେଦନକାରୀମାନଙ୍କୁ ସହାୟକ ଭାବରେ ନିଯୁକ୍ତ କରାଗଲା । ପୂର୍ବରୁ ହୋଇଥିବା ଏକ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଜରିଆରେ ସଚିବାଳୟରେ ସହାୟକମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା । ସରକାର ଏହି ଉଭୟ ବର୍ଗକୁ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତ ସମସ୍ତ ସହାୟକମାନେ ଅନ୍ୟ ଉତ୍ସ ମାଧ୍ୟମରେ ନିଯୁକ୍ତ ସହାୟକମାନଙ୍କ ଠାରୁ ବରିଷ୍ଠ ପାହ୍ୟାରେ ରହିବେ ବୋଲି ନିଷ୍ପତ୍ତି ନିଆଗଲା । ପରେ, ମହାଧିବକ୍ତାଙ୍କ କାର୍ଯ୍ୟାଳୟର ବିହାର ସରକାରଙ୍କ ଆଇନ ବିଭାଗର କାର୍ଯ୍ୟାଳୟ ସହିତ ମିଶ୍ରଣ ହୋଇଥିଲା । ତେଣୁ, ଯେଉଁ ଆବେଦନକାରୀମାନଙ୍କୁ ଅନ୍ୟ ଉତ୍ସ ମାଧ୍ୟମରେ ନିଯୁକ୍ତ ବୋଲି ବିବେଚନା କରାଯାଉଥିଲା, ସେମାନଙ୍କୁ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତ**

**ସହାୟକଙ୍କ ଠାରୁ କନିଷ୍ଠ ବୋଲି ଦର୍ଶାଗଲା । ବରିଷ୍ଠତା ତାଲିକାକୁ ସମର୍ଥନ କରି ସେମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଲେ । ସେଥିପାଇଁ ଏହି ଆବେଦନ କରାଗଲା ।**

**ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ସମସ୍ତ ବ୍ୟକ୍ତିଙ୍କୁ ସମାନ ବର୍ଗରେ ରଖାଯିବା ଉଚିତ ଏବଂ ସେମାନଙ୍କର ଚାକିରିରେ ଯୋଗଦେବା ତାରିଖ ଆଧାରରେ ପରସ୍ପର ମଧ୍ୟରେ ବରିଷ୍ଠତା କରାଯିବା ଉଚିତ ।**

**ଏହି ଆବେଦନକୁ ଖାରଜ କରି ନ୍ୟାୟାଳୟ**

**ନିର୍ଣ୍ଣୟ ନେଲେ ଯେ : 1 . ନୀତିଗତ ଭାବେ, ଅନ୍ୟ ଉତ୍ସରୁ ନିଯୁକ୍ତି ପାଇଥିବା ଏବଂ ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା ନିଯୁକ୍ତି ପାଇଥିବା ଏହି ଦୁଇଟି ବର୍ଗର କର୍ମଚାରୀମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରହି ପାରିବ ନାହିଁ । ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତ ଯେ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନିଯୁକ୍ତ ହୋଇଥିବା ଆବେଦନକାରୀମାନଙ୍କ ତୁଳନାରେ ଅନ୍ୟ ଉତ୍ସରୁ ନିଯୁକ୍ତି ପାଇଥିବା ଆବେଦନକାରୀଙ୍କ ବରିଷ୍ଠତା ତାରିଖ 30.3.1981 ର ସରକାରୀ ପରିପତ୍ରରେ ନିର୍ଦ୍ଧାରିତ ନୀତିଗୁଡ଼ିକୁ ପ୍ରୟୋଗ କରି ସ୍ଥିର କରାଯିବା ଆବଶ୍ୟକ, ଯାହାର ସାମ୍ବିଧାନିକ ବୈଧତାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବଜାୟ ରଖାଯାଇଥିଲା ଏବଂ ଏହି ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିଲା, ଯାହାକୁ କୌଣସି ମତେ ଭୁଲ କୁହାଯାଇପାରିବ ନାହିଁ ।**

*ଉଦୟ ପ୍ରତାପ ସିଂହ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟଏବଂ ଅନ୍ୟମାନେ ମାମଲା* [1994] Supp. 3 SCC 451 ଉପରେ ନିର୍ଭର କରାଗଲା ।

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 3617/2000

ସି. ଡବ୍ଲ୍ୟୁ. ଜେ. ସି. ସଂଖ୍ୟା 5313/1994 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ16.4.1999ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଉପସ୍ଥିତ ଥିବା ପକ୍ଷ ମାନଙ୍କ ତରଫରୁ ପି. ଏସ୍. ମିଶ୍ର ଏବଂ ଅମରେନ୍ଦ୍ର ଶରଣ, କୁମାର ରାଜେଶ ସିଂହ, ସୁଜିତ୍ କୁମାର ସିଂହ, ପୱନ ଉପାଧ୍ୟାୟ, ବିଷ୍ଣୁ ଶର୍ମା, ଏସ୍. ବି. ଉପାଧ୍ୟାୟ, ଅମିତ କୁମାର, ଶ୍ରୀଶ କୁମାର ମିଶ୍ର ଏବଂ ଇରଶାଦ୍ ଅହମ୍ମଦ୍ ।

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

ଆମ ସମ୍ମୁଖରେ ଥିବା ଆବେଦନକାରୀମାନେ 1975 ରୁ 1985 ମଧ୍ୟରେ ବିହାରର ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏକ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କୁ ସହାୟକ ଭାବରେ ନିଯୁକ୍ତ କରାଗଲା । ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଅନୁଯାୟୀ, ବିହାର ସରକାରଙ୍କ ସଚିବାଳୟରେ ନିଯୁକ୍ତି ହୋଇଥିଲା ଏବଂ ଯେତେବେଳେ ଦୁଇଟି ବର୍ଗର ମିଶ୍ରଣ ନିମିତ୍ତ ପ୍ରଶ୍ନ ଉଠିଥିଲା, ସେତେବେଳେ ସରକାର 14.8.1987 ରେ ଏକ ନିଷ୍ପତ୍ତି ନେଇଥିଲେ ଯେ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇଥିବା ସମସ୍ତ ସହାୟକମାନେ, ଅନ୍ୟ ଉତ୍ସ ମାଧ୍ୟମରେ ନିଯୁକ୍ତ ହୋଇଥିବା ସହାୟକମାନେ  ଯେଉଁମାନେ କି ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତ ହୋଇନଥିଲେ ସେମାନଙ୍କ ଠାରୁ ବରିଷ୍ଠ ପାହ୍ୟାରେ ରହିବେ, ଏବଂ ଅବଶ୍ୟ  ଏହା ସେମାନଙ୍କ ପରସ୍ପର ମଧ୍ୟରେ ବରିଷ୍ଠତାକୁ ମଧ୍ୟ ସୁରକ୍ଷା ଦେବ ।

21.7.1991 ରେ ଦିଆଯାଇଥିବା ଏକ ଆଦେଶ ଦ୍ୱାରା, ବିହାର ସରକାର ନିଷ୍ପତ୍ତି ନେଇଥିଲେ ଯେ ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ବିହାର ସରକାରଙ୍କ ଆଇନ ବିଭାଗର କାର୍ଯ୍ୟାଳୟ ସହିତ ସଂଲଗ୍ନ ହେବ । ଯେତେବେଳେ ଦୁଇଟି  ବିଭାଗର ମିଶ୍ରଣ ନିମିତ୍ତ  ପ୍ରଶ୍ନ ଉଠିଲା, ସେତେବେଳେ ସରକାର ପରସ୍ପର ମଧ୍ୟରେ ବରିଷ୍ଠତା 14  ( 2) (gha) କୁ ଅନୁସରଣ କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନିଯୁକ୍ତ ପ୍ରାର୍ଥୀ ଏବଂ ଅନ୍ୟ ଉତ୍ସ ଜରିଆରେ ନିଯୁକ୍ତ ପ୍ରାର୍ଥୀମାନଙ୍କ ମଧ୍ୟରେ ବରିଷ୍ଠତା ଏହି ଆଧାରରେ ନିର୍ଦ୍ଧାରଣ କରାଯିବ ଯେ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନିଯୁକ୍ତ ପ୍ରାର୍ଥୀମାନେ ବରିଷ୍ଠ ପାହ୍ୟା ପାଇବେ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷାର ଫଳାଫଳ ଆଧାରରେ ନିଯୁକ୍ତ ହୋଇଥିବା ସମସ୍ତ ସଫଳ ପ୍ରାର୍ଥୀଙ୍କ ତଳେ ପରିବିକ୍ଷଣରେ  ରଖାଯିବା ତାରିଖ ଆଧାରରେ ପଦବୀ ନିର୍ଦ୍ଧାରଣ କରାଯିବ । ଏହି ଆଧାରରେ, ଚୂଡ଼ାନ୍ତ ବରିଷ୍ଠତା ପଦକ୍ରମ ତାଲିକା ପ୍ରକାଶିତ ହୋଇଥିଲା ଏବଂ ଆବେଦନକାରୀମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତ ହୋଇଥିବା ସହାୟକଙ୍କ ଠାରୁ କନିଷ୍ଠ ବୋଲି ଦର୍ଶାଯାଇଥିଲା । ଏହା ବିରୁଦ୍ଧରେ ସେମାନଙ୍କର ନିବେଦନ ପତ୍ର ବିଫଳ ହେବାରୁ, ସେମାନେ ଉଚ୍ଚ ନ୍ୟାୟାଳୟ ରେ ଏକ ଆଜ୍ଞାଦେଶ ଆବେଦନ କରିଥିଲେ ।

ଉଚ୍ଚ ନ୍ୟାୟାଳୟ  ଧରି ନେଲେ ଯେ  ଆବେଦନକାରୀମାନେ 1971 ଏବଂ 1973 ମସିହାରେ ଅନୁଷ୍ଠିତ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିଲେ ଏବଂ ସେମାନଙ୍କୁ ମହାଧିବକ୍ତାଙ୍କ ବିଭାଗ ଦ୍ୱାରା ଆୟୋଜିତ ପରୀକ୍ଷା ଆଧାରରେ ଚୟନ କରାଯାଇଥିଲା

ସେଥିପାଇଁ ସେମାନେ ସହାୟକ ନିଯୁକ୍ତି ପାଇଁ ଆୟୋଜିତ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନୁହେଁ, ବରଂ ଅନ୍ୟ ଉତ୍ସରୁ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କ ଭଳି ସମାନ ସ୍ଥିତିରେ ରହିଛନ୍ତି । ଉଚ୍ଚ ନ୍ୟାୟାଳୟ ଙ୍କ ଏହି ଆଦେଶକୁ ଆମ ସମ୍ମୁଖରେ ଆପତ୍ତି କରାଯାଇଛି ।

ଆବେଦନକାରୀଙ୍କ ତରଫରୁ ଏହା ଉପସ୍ଥାପନା କରାଯାଇଛି ଯେ ଆବେଦନକାରୀମାନଙ୍କୁ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତ ବ୍ୟକ୍ତିଙ୍କ ବର୍ଗରେ ରଖାଯିବା ଉଚିତ ଏବଂ ଅନ୍ୟ ସହାୟକଙ୍କ ସହିତ ସେମାନଙ୍କର ପରସ୍ପର ମଧ୍ୟରେ ବରିଷ୍ଠତା ବର୍ତ୍ତମାନର ନିୟମ ଅନୁଯାୟୀ ସେମାନଙ୍କ ସେବାରେ ଯୋଗଦେବା ତାରିଖ ଆଧାରରେ ସ୍ଥିର କରାଯିବା ଉଚିତ କିନ୍ତୁ ଯେପରି ଏଠାରେ କରାଯାଇଛି ସେଭଳି ନୁହେଁ । ଯାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଛି ତାହା ହେଉଛି ଉତ୍ତରଦାତାମାନଙ୍କ ଆଭିମୁଖ୍ୟ ।ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଗ୍ରସର ହୋଇଥିଲେ ଯେ ମହାଧିବକ୍ତାଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ସହାୟକମାନେ ଯୁଗ୍ମ ବର୍ଗର ସଦସ୍ୟ ସେତେବେଳେ ହୋଇଥିଲେ, ଯେତେବେଳେ ଏହାକୁ ତାରିଖ 27.2.1991 ର ପ୍ରସ୍ତାବ ଅନୁଯାୟୀ ଏକ ସଂଲଗ୍ନ କାର୍ଯ୍ୟାଳୟ ବୋଲି ଘୋଷଣା କରାଯାଇଥିଲା । ଯୁଗ୍ମ ବର୍ଗର ନିୟମାବଳୀ 30.8.1988 ରୁ କାର୍ଯ୍ୟକାରୀ ହୋଇସାରିଥିଲା ଯଦିଓ ସେଗୁଡ଼ିକୁ 1.6.1992 ରେ ସୂଚିତ କରାଯାଇଥିଲା । ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପରୀକ୍ଷା ଆଧାରରେ ସେମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା ଏବଂ ସେମାନଙ୍କୁ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ଚୟନ କରାଯାଇଥିବା ସହାୟକଙ୍କ ସହ ଅନୁରୂପ ଭାବେ ବିବେଚନା କରାଯିବା ଉଚିତ ବୋଲି ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇ ନଥିଲା । ଉଚ୍ଚ ନ୍ୟାୟାଳୟ ଅନୁଧ୍ୟାନ କଲେ ଯେ ଆବେଦନକାରୀମାନେ 1971 ଏବଂ 1973 ମସିହାରେ ଅନୁଷ୍ଠିତ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିନଥିବା ଅନ୍ୟ ପ୍ରାର୍ଥୀଙ୍କ ଭଳି ସମାନ ସ୍ଥିତିରେ ଅଛନ୍ତି ଏବଂ ତେଣୁ ସେମାନେ ଅନ୍ୟ ଉତ୍ସରୁ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କ ଭଳି ସମାନ ସ୍ଥିତିରେ ରହିଛନ୍ତି, ଯଥା, ଯେଉଁମାନେ ସହାୟକ ନିଯୁକ୍ତି ପାଇଁ ଆୟୋଜିତ କୌଣସି ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନୁହେଁ, ବରଂ ସେମାନେ ବିଭାଗୀୟ ସ୍ତରରେ ନିଯୁକ୍ତି ପାଇଥିବା ପ୍ରାର୍ଥୀ ଏବଂ ବିଭାଗଗୁଡ଼ିକର ମିଶ୍ରଣ ଆଧାରରେ ଆବେଦନକାରୀମାନେ ଜଡ଼ିତ ପ୍ରସଙ୍ଗରେ ପକ୍ଷମାନଙ୍କ ଦ୍ୱାରା ଦାବି କରାଯାଇଥିବା ଭଳି ଏଠାରେ ସେଭଳି କିଛି ଦାବି କରିପାରିବେ ନାହିଁ । ଏହି ପରିପ୍ରେକ୍ଷୀରେ, ଉଚ୍ଚ ନ୍ୟାୟାଳୟ *ଉଦୟ ପ୍ରତାପ ସିଂହ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟ ଏବଂ ଅନ୍ୟମାନେ ମାମଲା* [1994] Supp. 3 SCC B451 ଉପରେ ନିର୍ଭର

କରିଥିଲେ । ଏହି ନ୍ୟାୟାଳୟ ରାୟ ଦେଲେ ଯେ ଆବେଦନକାରୀ, ଯେଉଁମାନଙ୍କୁ ବର୍ତ୍ତମାନର ମାମଲା ଭଳି ସମାନ ପରିସ୍ଥିତିରେ ରଖାଯାଇଥିଲା, ସେମାନେ ଏକ ନିର୍ଦ୍ଦିଷ୍ଟ ତାରିଖରେ ବରିଷ୍ଠ ଶାଖାର ମିଶ୍ରଣ ବର୍ଗରେ ପ୍ରବେଶ କରିଥିଲେ ଏବଂ ସେଠାରେ ଉତ୍ତରଦାତାମାନେ ପୂର୍ବରୁ ସିଧାସଳଖ ନିଯୁକ୍ତି ଭାବରେ ବିଭାଗରେ ପ୍ରବେଶ କରିଥିଲେ ଏବଂ ତେଣୁ, ସେମାନଙ୍କୁ ଉତ୍ତରଦାତାମାନଙ୍କ ଠାରୁ ବରିଷ୍ଠ ଭାବରେ ବିବେଚନା କରାଯିବା ଉଚିତ ।

ନୀତିଗତ ଭାବେ, ଅନ୍ୟ ଉତ୍ସରୁ ନିଯୁକ୍ତି ପାଇଥିବା ଏବଂ ମହାଧିବକ୍ତାଙ୍କ କାର୍ଯ୍ୟାଳୟ ଦ୍ୱାରା ନିଯୁକ୍ତି ପାଇଥିବା ଏହି ଦୁଇଟି ବର୍ଗର କର୍ମଚାରୀମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରହିପାରିବ ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତ ଯେ ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ଆଧାରରେ ନିଯୁକ୍ତ ହୋଇଥିବା ଆବେଦନକାରୀମାନଙ୍କ ତୁଳନାରେ ଅନ୍ୟ ଉତ୍ସରୁ ନିଯୁକ୍ତି ପାଇଥିବା ଆବେଦନକାରୀମାନଙ୍କ ବରିଷ୍ଠତା, ତାରିଖ 30.3.1981 ର ସରକାରୀ ପରିପତ୍ରରେ ନିର୍ଦ୍ଧାରିତ ନୀତିଗୁଡ଼ିକୁ ପ୍ରୟୋଗ କରି ସ୍ଥିର କରାଯିବା ଆବଶ୍ୟକ, ଯାହାର ସାମ୍ବିଧାନିକ ବୈଧତାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବଜାୟ ରଖାଯାଇଥିଲା ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ଉଦୟ ପ୍ରତାପଙ୍କ ମାମଲାରେ [ଉପରୋକ୍ତ] ନିଶ୍ଚିତ କରାଯାଇଥିଲା, ଯାହାକୁ ଆଦୌ କୌଣସି ମତେ ଭୁଲ କୁହାଯାଇପାରିବ ନାହିଁ।

ତେଣୁ ଏହି ଆବେଦନ ଖାରଜ ହେବା ଉଚିତ । ତଦନୁସାରେ ଆଦେଶ ଦିଆଗଲା ।

ଏ .କ୍ୟୁ .  ଆବେଦନକୁ ଖାରଜ କରିଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।